## ନବଜାତ ଶିଶୁପୁତ୍ର ମୃତଦେହ ଜବତ

ଉଦଳା,(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ଭୀମତାଳି ଗ୍ରାମ ପାର୍ଶ୍ୱ ଦେଇ ଯାଇଥିବା କେନାଲ ପାଣିରୁ ଶୁକ୍ରବାର ଏକ ନବଜାତ ଶିଶୁପୁତ୍ରର ମୃତଦେହ ଜବତ ହୋଇଛି। କେନାଲ ପାଣିରେ ମୃତଦେହ ଭାସୁଥିବା ଦେଖି ଗ୍ରାମବାସୀ ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଜାରି ରଖିଛି।

## ସଂକ୍ଷେପରେ

### ପାଟଣା ରେଞ୍ଜରେ ହାତୀ ଉପଦ୍ରବ ଜାରି



ପାଟଣା,୨।୯(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ରେଞ୍ଜରେ ୨୨ ଟିକିଆ ହାତୀ ପଲଙ୍କ ଉପଦ୍ରବ ଜାରି ରହିଛି। ଏହି ରେଞ୍ଜ ସାହାରପଡ଼ା ସେକ୍ସନ ମାଛଗଡ଼ ସାଉଥ ବିଟ ପୁରୁଣା ପାଣି ସଂରକ୍ଷିତ ଜଙ୍ଗଲରେ ହାତୀପଲ ଶୁକ୍ରବାର ଡେରା ପକାଇଛନ୍ତି। ଗୁରୁବାର ରାତିରେ ନୂଆଗାଁ ଓ ପୁରୁଣା ପାଣି ଗ୍ରାମରେ ବ୍ୟାପକ ଧାନ, ବୋଇତାଳୁ ଓ ମକା ଚାଷ ନଷ୍ଟ କରିଛନ୍ତି। ଗୁରୁବାର ରାତିରେ ଡିଏଫ୍‌ଓ ଧନରାଜ ଏଚ୍‌ଡି, ପାଟଣା ରେଞ୍ଜର ଘାସିନାଥ ପାତ୍ର ଓ ବନପାଳ ମୋହିନୀ ମହାନ୍ତ ଉପସ୍ଥିତ ରହି ହାତୀପଲଙ୍କ ଗତିବିଧି ଉପରେ ନଜର ରଖିଥିଲେ। ଶୁକ୍ରବାର ସନ୍ଧ୍ୟାରେ ହାତୀପଲ ପୁରୁଣା ପାଣି ସଂରକ୍ଷିତ ଜଙ୍ଗଲରୁ ବାହାରି ଫୁଲ ପାହାଡ଼ି ଅଭିମୁଖେ ଯାଇଥିବା ବନ ବିଭାଗ ସୂଚନା ଦେଇଛି।

### ମହିଳାଙ୍କ ମୃତଦେହ ଜବତ

ବଡ଼ସାହି,୨।୯(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ କୁଚଲାଖୁଣ୍ଟା ପଞ୍ଚାୟତ ନିକଟସ୍ଥ ଜୁଣପଦା ଗ୍ରାମର ଜଣେ ମହିଳାଙ୍କ ଗଳିତ ମୃତଦେହ ଏକ ଘରୁ ଜବତ କରାଯାଇଛି। ସେ ହେଲେ ବୁଧୁରାମ ନାଏକଙ୍କ ସ୍ତ୍ରୀ ସୁକୁରି (୩୬)। ବୁଧୁରାମ ଓ ତାଙ୍କ ପୁଅ ସରୋଜ ନାଏକ ବାହାରେ ରୁହନ୍ତି। ସୁକୁରି ଘରେ ଏକୁଟିଆ ରୁହନ୍ତି ବୋଲି ବୁଧୁରାମ ଏତେଲାରେ ଦର୍ଶାଇଛନ୍ତି। ମୃତ୍ୟୁର କାରଣ ଜଣାପଡ଼ି ନ ଥିବା ବେଳେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୫୨/୨୨) ରୁଜୁ ହୋଇଛି।

### ମଦ ଜବତ, ୨ ଗିରଫ

ସାରସକଣା,୨।୯(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ପୋଲିସ ଆନ୍ତଃରାଜ୍ୟ ସୀମା ଜାମଶଳାଠାରେ ଥିବା କେତେକ ଢ଼ାବାରେ ଚଢ଼ାଉ କରି ୨୦ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରିଛି। ଏନେଇ ଥାନାରେ ଦୁଇଟି ମାମଲା(ନଂ.୧୯୧/୨୨ ଓ ୧୯୨/୨୨) ରୁଜୁ ହୋଇଛି। ଏହି ଘଟଣାରେ ପୋଲିସ ଝାଡ଼ଖଣ୍ଡ ରାଜ୍ୟ ବହଡାଗୋଡ଼ା ଥାନା ଅଧୀନ ଦରଖୁଲି ଗ୍ରାମର ଦିଲ୍ଲୀପ କୁମାର ଦାସ ଓ ପଶ୍ଚିମବଙ୍ଗ ରାଜ୍ୟ ଗୋପୀବଲ୍ଲଭପୁର ଥାନା ଅନ୍ତର୍ଗତ ସାତମା ଗ୍ରାମର ମହେଶ୍ୱର ବାସୁରୀଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ଫନୀନ୍ଦ୍ର ଭୂଷଣ ନାଏକ କହିଛନ୍ତି। ସାରସକଣା ଅଞ୍ଚଳରେ ବ୍ୟାପକ ଦେଶୀ ବିଦେଶୀ ମଦ କାରବାର ଚାଲିଥିଲା ବେଳେ ଅବକାରୀ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଗ୍ରହଣ କରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# ପ୍ରଧାନ ଶିକ୍ଷକ ବଦଳି ପ୍ରତିବାଦରେ ବିଦ୍ୟାଳୟରେ ତାଲା

ଭୋଗରାଇ, ୨।୯(ଡି.ଏନ.ଏ.)

### ରାସ୍ତା ଅବରୋଧ କଲେ ଛାତ୍ରୀଛାତ୍ର, ଅଭିଭାବକ

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ନାଛିନ୍ଦା ଉନ୍ନୀତ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ବଦଳି ପ୍ରତିବାଦରେ ଶୁକ୍ରବାର ଏହି ସ୍କୁଲର ଛାତ୍ରୀଛାତ୍ର ଓ ଅଭିଭାବକମାନେ ସ୍କୁଲ ଗେଟ୍‌ରେ ତାଲା ପକାଇ ଆନ୍ଦୋଳନ ଜାରି ରଖିଛନ୍ତି। ଅପରାହ୍ନରେ ସିଆର୍‌ସିସି ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ଆନ୍ଦୋଳନକାରୀମାନେ ନିଜ ଜିଦ୍‌ରେ ଅଟଳ ରହିଛନ୍ତି।

ନିକଟରେ ଉଲୁଡା ବନମାଳୀ ମାଝି ପ୍ରାଥମିକ ବିଦ୍ୟାଳୟରେ ଦୁଇ ଶିକ୍ଷୟିତ୍ରୀଙ୍କ ହାତାହାତି ଘଟଣାରେ ଶିକ୍ଷା ବିଭାଗ ଦୁଇ ଶିକ୍ଷୟିତ୍ରୀଙ୍କୁ ଚାକିରୀରୁ ନିଲମ୍ବିତ କରିଥିବା ବେଳେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଉକ୍ତ ସ୍କୁଲରୁ ବଦଳି କରାଯାଇଥିଲା। ନାଛିନ୍ଦା ଉନ୍ନୀତ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜୀବ ଲୋଚନ ଭୂୟାଁଙ୍କୁ ଉଲୁଡା ସ୍କୁଲକୁ ବଦଳି କରାଯାଇଛି। ଏହାର ପ୍ରତିବାଦ କରି ଛାତ୍ରୀଛାତ୍ର ଓ ଅଭିଭାବକମାନେ ସ୍କୁଲ ଗେଟ୍‌ରେ ତାଲା ପକାଇ ପୂର୍ବାହ୍ନ ୯ଟାରୁ ଅପରାହ୍ନ ପର୍ଯ୍ୟନ୍ତ ଧାରଣା ଓ ନାରାବାଜି ପ୍ରଦର୍ଶନ କରିଥିଲେ। ନାଛିନ୍ଦା ସ୍କୁଲ ରାସ୍ତାକୁ ମଧ୍ୟ ଏହି ଆନ୍ଦୋଳନକାରୀମାନେ ଦୀର୍ଘ ଘଣ୍ଟା ଧରି ଅବରୋଧ କରିବା ଦ୍ୱାରା ଲୋକେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଶୁକ୍ରବାର ଅପରାହ୍ନ ସୁଦ୍ଧା କୌଣସି ସମାଧାନ ନ ହେବାରୁ ଶନିବାର ଏହି ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଛନ୍ତି। ପୋଲିସ ଘଟଣାସ୍ଥଳରେ ରହି ପରିସ୍ଥିତି ଉପରେ ନଜର ରଖିଛି।



ଆନ୍ଦୋଳନରତ ନାଛିନ୍ଦା ଉନ୍ନୀତ ବିଦ୍ୟାଳୟ ଛାତ୍ରୀଛାତ୍ର।

# ୧.୮ ଲକ୍ଷ ଟଙ୍କା ସହ ସୁନା ଅଳଙ୍କାର ଲୁଟ୍

ଆନନ୍ଦପୁର,୨।୯(ସ୍ୱ.ପ୍ର.)

### ଆକ୍ରମଣରେ ପରିବାରର ୩ ଗୁରୁତର

କେନ୍ଦୁଝର ଜିଲା ଘସିପୁରା ଥାନା ଅଧୀନ ବାରିଗାଁ ଗ୍ରାମର ଗୋଲକ ପାଢ଼ୀଙ୍କ ଘରୁ ଗୁରୁବାର ବିଳମ୍ବିତ ରାତିରେ ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ଗୋଲକଙ୍କ ସମେତ ପରିବାର ଲୋକଙ୍କୁ ଆକ୍ରମଣ କରି ନଗଦ ୧ ଲକ୍ଷ ୮୦ ହଜାର ଟଙ୍କା, ସୁନା ଓ ୨ ମୋବାଇଲ ଲୁଟି ନେଇଛନ୍ତି। ସେମାନଙ୍କ ଆକ୍ରମଣରେ ଉକ୍ତ ପରିବାରର ୩ ଜଣ ଗୁରୁତର ହୋଇଛନ୍ତି। ଗୋଲକଙ୍କ ଭାଇ ଅଲେଖ ପାଢ଼ୀଙ୍କ ଅଭିଯୋଗ ଆଧାରରେ ଘସିପୁରା ପୋଲିସ ଏକ ମାମଲା (ନଂ.୨୫୨/୨୨) ରୁଜୁ କରି ତଦନ୍ତ ଚଳାଇଛି।

ଅଭିଯୋଗ ଅନୁଯାୟୀ, ୪/୫ ଜଣ ଦୁର୍ବୃତ୍ତ ରାତି ପ୍ରାୟ ୨ଟା ୩୦ ବେଳେ କବାଟ ଭାଙ୍ଗି ଗୋଲକଙ୍କ ଘର ଭିତରେ ପଶି ଅତର୍କିତ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଲୁହାରଡ୍ ଓ ଭୁଜାଲି ଆକ୍ରମଣରେ ଗୋଲକ, ତାଙ୍କ ସ୍ତ୍ରୀ ଜୟନ୍ତୀ ଓ ଝିଅ ପ୍ରୀତିମୟୀ ଗୁରୁତର ଆହତ ହୋଇଥିଲେ। ପରେ ଦୁର୍ବୃତ୍ତମାନେ ତାଙ୍କ ଘରୁ ଟଙ୍କା ସହ ସୁନାଗହଣା ଲୁଟି ନେଇ ପଳାଇଥିଲେ। ପଡ଼ୋଶୀଙ୍କ ସହାୟତାରେ ଗୁରୁତର ୩ଜଣଙ୍କୁ ପ୍ରଥମେ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଘସିପୁରା ଥାନା ଅଧିକାରୀ ବିକ୍ରମ କେଶରୀ ଭୂୟାଁଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାର ତଦନ୍ତ ଜାରି ରଖିଛି। ଲୁଟ୍ ହୋଇଥିବା ମୋବାଇଲ ନମ୍ବରକୁ ଟ୍ରାକ୍ କରି ପୋଲିସ ଦୁର୍ବୃତ୍ତଙ୍କୁ ଧରିବାକୁ ଉଦ୍ୟମ କରୁଥିବା ଆନନ୍ଦପୁର ଏସ୍‌ଡିପିଓ ଅନୀଲ କୁମାର ବେଉରିଆ କହିଛନ୍ତି।



ଗୁରୁତର ୩ଜଣ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

# ସେପ୍ଟେମ୍ବର ପାଇଁ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ

କେନ୍ଦୁଝର,୨।୯(ଡି.ଏନ.ଏ.)

ଚଳିତ ସେପ୍ଟେମ୍ବର ମାସ ପାଇଁ କେନ୍ଦୁଝର ଜିଲାପାଳ ଏବଂ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ପ୍ରକାଶ ପାଇଛି । ୫ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାରହଲ୍‌ଠାରେ, ୧୨ରେ ଆନନ୍ଦପୁର ବ୍ଲକ୍ କାର୍ଯ୍ୟାଳୟଠାରେ, ୧୯ରେ ହରିଚନ୍ଦନପୁର ବ୍ଲକ୍ କାର୍ଯ୍ୟାଳୟଠାରେ ଏବଂ ୨୬ ତାରିଖରେ ଚମ୍ପୁଆ ବ୍ଲକ୍ କାର୍ଯ୍ୟାଳୟଠାରେ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏହି ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସମ୍ପର୍କରେ ବିହିତ ପଦକ୍ଷେପ ନେବାକୁ ଜିଲାପାଳ ଆଶିଷ ଠାକରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏତଦ୍‌ବ୍ୟତୀତ କାର୍ଯ୍ୟସୂଚୀ ଅନୁଯାୟୀ ଅଭିଯୋଗ ଶୁଣାଣି ସ୍ଥାନମାନଙ୍କରେ ଚିକିତ୍ସା, ଜାତୀୟ ସ୍ୱାସ୍ଥ୍ୟ ମିଶନ, ଶ୍ରମ, ଉଠା ଜଳସେଚନ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, ଯୋଗାଣ ବିଭାଗ, ଜଳଛାୟା ବିଭାଗ ତରଫରୁ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ସମ୍ପୃକ୍ତ ଜିଲାସ୍ତରୀୟ ଅଧିକାରୀମାନଙ୍କୁ ଜିଲାପାଳ ଠାକରେ ନିର୍ଦ୍ଦେଶ ଦେଇଛନ୍ତି।

# 'ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନାରେ ସାମିଲ କରାଯାଉ'

### ପଞ୍ଚାୟତ କାର୍ଯ୍ୟାଳୟ ଘେରିଲା ଭାଜପା

ଚାନ୍ଦବାଲି,୨।୯(ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ଭାଟପଡ଼ା ପଞ୍ଚାୟତରେ ଆବାସ ଯୋଜନାରେ ହେର୍‌ଫେର୍ କରାଯାଇଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଶୁକ୍ରବାର ଭାଜପା ପକ୍ଷରୁ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ ସହ ଧାରଣା ଦିଆଯାଇଥିଲା। ପଞ୍ଚାୟତର ଚନ୍ଦନବିନ୍ଧା ୬ ନଂ. ୱାର୍ଡରେ ଅଧିକାଂଶ ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନାରେ ଘର ପ୍ରଦାନ କରା ନ ଯାଇ ଶାସକ ଦଳର କର୍ମୀମାନଙ୍କୁ ଦଳୀୟ କୋଟାରେ ସେମାନଙ୍କର ତାଲିକା ପ୍ରସ୍ତୁତି କରାଯାଇଥିବା ଭାଜପା ଅଭିଯୋଗ କରିଛି। ଯୋଗ୍ୟ ହିତାଧିକାରୀମାନଙ୍କୁ ଆବାସ ଯୋଜନାରେ ସାମିଲ କରାଯାଉ। ତୁରନ୍ତ ଏହାର ସମାଧାନ କରା ନ ଗଲେ ଆଗାମୀ ଦିନରେ ଭାଜପା ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି।

# ଚମକିବ ଜଳଙ୍ଗ, ବରଦା ଶକ୍ତିପୀଠ



ବାଲେଶ୍ୱର ଜିଲା ଖଇରା ବ୍ଲକ ପ୍ରସିଦ୍ଧ ଜଳଙ୍ଗ ପୀଠର ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିବୃନ୍ଦ।

ଖଇରା, ୨।୯(ଡି.ଏନ.ଏ.)

### ରୂପାନ୍ତରଣ କାର୍ଯ୍ୟର ଶିଳାନ୍ୟାସ କଲେ ବିଧାୟକ

ବାଲେଶ୍ୱର ଜିଲା ଖଇରା ବ୍ଲକର ଦୁଇ ପ୍ରସିଦ୍ଧ ଶକ୍ତିପୀଠ ମା' ଜଳଙ୍ଗଚଣ୍ଡୀ ଓ ବରଦାର ମା' ଭଗବତୀଙ୍କ ମନ୍ଦିର ଆସୁଥିବା ଶ୍ରଦ୍ଧାଳୁଙ୍କ ପାଇଁ ଅତ୍ୟନ୍ତ ଖୁସି ଖବର। ଖୁବଶୀଘ୍ର ଏହି ୨ପୀଠର ସୌନ୍ଦର୍ଯ୍ୟକରଣ କରାଯିବ। ଏହାର ରୂପାନ୍ତରଣ ପାଇଁ ଆଗେଇ ଆସିଛନ୍ତି ପୂର୍ବତନ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ। ମନ୍ଦିର ସଂଲଗ୍ନ ରାସ୍ତାଘାଟ, ଭକ୍ତଙ୍କ ପାଇଁ ପାନୀୟଜଳ, ପାର୍କିଂ ସହ ମନ୍ଦିର ପୁନରଦ୍ଧାର ପାଇଁ ନକ୍ସା ପ୍ରସ୍ତୁତ ହୋଇସାରିଛି । ବୁଧବାର ସ୍ଥାନୀୟ ନେତୃବୃନ୍ଦଙ୍କ ସହ ପ୍ରଥମେ ଜଳଙ୍ଗ ଚଣ୍ଡୀପୀଠ ଗସ୍ତ କରି ମା'ଙ୍କ ପୂଜାର୍ଚ୍ଚନା କରିବା ସହ ରୂପାନ୍ତରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ମନ୍ଦିର ଟ୍ରଷ୍ଟବୋର୍ଡ ସଭାପତି ପ୍ରଫୁଲ୍ଲ କୁମାର ଦାସ, ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ର ଓ ରଶ୍ମିତା ମହାପାତ୍ର, ଗର୍ସଙ୍ଗ ସରପଞ୍ଚ ରାଜେନ୍ଦ୍ର କୁମାର ଦାସ, ଡୁଙ୍ଗୁରା ସରପଞ୍ଚ ପ୍ରକାଶ କୁମାର ଲେଙ୍କା, ଅଜୟ ସାମଲ, ଯୁବନେତା ସଞ୍ଜୟ ତିଆଡି ଓ ମୋହନ ତିଆଡି ପ୍ରମୁଖ ଉପସ୍ଥିତ ଥିଲେ। ଆଧ୍ୟାତ୍ମିକ ଭାବନା ଜୀବନକୁ ଶୃଙ୍ଖଳିତ କରିଥାଏ ବୋଲି ବିଧାୟକ କହିଥିଲେ। ପରେ ମା' ଭଗବତୀ ପୀଠର ଶିଳାନ୍ୟାସ କାର୍ଯ୍ୟକ୍ରମରେ ବରଦା ସରପଞ୍ଚ ପରୀକ୍ଷିତ ମହାପାତ୍ର ପୌରୋହିତ୍ୟ କରିଥିଲେ। ପୂର୍ବତନ ଲୋକପ୍ରତିନିଧି ବ୍ରଜକିଶୋର ମହାନ୍ତି ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ।

# ବିଦ୍ୟୁତ୍ ସଂଯୋଗୀକରଣ ଦାବିରେ ରାସ୍ତା ଅବରୋଧ ନିଷ୍ପତ୍ତି ପ୍ରତ୍ୟାହୃତ

ବାଙ୍ଗିରିପୋଷି,୨।୯(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକ ଅଧୀନ ଚାକିଡି ପଞ୍ଚାୟତର ୧୩ଟି ଗ୍ରାମକୁ ବିଦ୍ୟୁତ୍ ସଂଯୋଗୀକରଣ ଦାବିରେ ୪୯ନଂ. ଜାତୀୟ ରାଜପଥ ଅବରୋଧ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଗତ ୨୯ ତାରିଖରେ କୁଳିଅଣା ବିଦ୍ୟୁତ୍ ବିଭାଗ ଏସ୍‌ଡିଓଙ୍କ କାର୍ଯ୍ୟାଳୟ ଆଗରେ ଚାକିଡି ସରପଞ୍ଚ ବିକ୍ରମ ମୁର୍ମୁଙ୍କ ନେତୃତ୍ୱରେ ଶତାଧିକ ପଞ୍ଚାୟତବାସୀ ଧାରଣା ଦେଇଥିଲେ। ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ହରିଶ କୁମାର ପଣ୍ଡା ପହଞ୍ଚି ଚଳିତ ମାସ ମଧ୍ୟରେ ପଞ୍ଚାୟତକୁ ବିଦ୍ୟୁତ୍ ସଂଯୋଗ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଫଳରେ ଜାତୀୟ ରାଜପଥ ଅବରୋଧ ନିଷ୍ପତ୍ତି ପ୍ରତ୍ୟାହାର କରାଯାଇଥିବା ସୂଚନା ମିଳିଛି।

# ପ୍ରଫେଟ ମହମ୍ମଦଙ୍କ ବିରୋଧରେ ବିବାଦୀୟ ମନ୍ତବ୍ୟ

ଭଦ୍ରକ ଅଫିସ, ୨।୯

### ଥାନାରେ ଏତଲା ଦେଲା ଭଦ୍ରକ ମୁସ୍‌ଲିମ ଜମାତ୍

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ପାଞ୍ଚପଡ଼ା ଅଞ୍ଚଳର ଜଣେ ବ୍ୟକ୍ତି ଗତ ଅଗଷ୍ଟ ୨୬ରେ ସୋସିଆଲ ମିଡିଆରେ ଇସ୍‌ଲାମ ଧର୍ମ ପ୍ରବର୍ତ୍ତକ ପ୍ରଫେଟ ମହମ୍ମଦଙ୍କ ବିରୋଧରେ ବିବାଦୀୟ ମନ୍ତବ୍ୟ ଦେଇଥିବା ଅଭିଯୋଗ ହୋଇଛି। ଭଦ୍ରକ ମୁସ୍‌ଲିମ ଜମାତ ପକ୍ଷରୁ ଏହାକୁ ତୀବ୍ର ନିନ୍ଦା କରାଯିବା ସହ ଉକ୍ତ ବ୍ୟକ୍ତିଙ୍କ ବିରୋଧରେ ପୁରୁଣାବଜାର ଥାନାରେ ଏତଲା ଦିଆଯାଇଛି।

ମୁସ୍‌ଲିମ ଜମାତର ସଭାପତି ହାଜୀ ଅବଦୁଲ ବାରୀଙ୍କ ନେତୃତ୍ୱରେ କାର୍ଯ୍ୟକାରୀ ସଭାପତି ମହମ୍ମଦ ଜକାଉଲ୍ଲା, ଯୁଗ୍ମ ସମ୍ପାଦକ ହାଜୀ ଅବଦୁଲ ମୁକିତ ଖାନ, ଶେଖ୍ ସିରାଜୁଦ୍ଦିନ, ମୁକ୍ତାର ଅହେମଦ ରସିଦ, ଜମିଲ ଅଖତର ଖାଁ, ସକିଲୁଜମା ଖାଁ, ଅସରଫ ଅଲି, ଶେଖ୍ ସମଦାନୀ, ଶେଖ୍ ହବିବୁଲ୍ଲା, ଜାୱେଦ ଅଖତର ପ୍ରମୁଖ ଏତଲା ଦେବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏନେଇ ଜମାତ୍ ପକ୍ଷରୁ ଜିଲାପାଳ, ଏସ୍‌ପିଙ୍କ ସମେତ ବିଭିନ୍ନ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି।



ଏତଲା ଦେବାକୁ ଆସିଥିବା ମୁସ୍‌ଲିମ ଜମାତ୍ କର୍ମକର୍ତ୍ତା।

# ଆରମ୍ଭ ହେଲା ରାଜ୍ୟସ୍ତରୀୟ କ୍ୟାରମ ଟୁର୍ଣ୍ଣାମେଣ୍ଟ

ଯୋଡ଼ା,୨।୯(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ାଠାରେ ସ୍ୱର୍ଗତ ସଞ୍ଜୀବ କୁମାର ସେନଗୁପ୍ତା ଓ ଏନ.ଭି.ଭି.କେ ରାଓ ସ୍ମାରକୀ ରାଜ୍ୟସ୍ତରୀୟ କ୍ୟାରମ ଚାମ୍ପିଆନସିପ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ସହରର କଲ୍ୟାଣମଣ୍ଡପଠାରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟକୁ ଯୋଡ଼ା ପୌରାଧ୍ୟକ୍ଷ ଡାକ୍ତର ଜଗଦୀଶ ପ୍ରସାଦ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଯୋଡା ଟାଟାଷ୍ଟିଲ ମୁଖ୍ୟ ସରୋଜ ବାନାର୍ଜୀ, ଟାଟାଷ୍ଟିଲ ମାନବ ସମ୍ବଳ ଅଧିକାରୀ ଚନ୍ଦନ ମିଶ୍ର, ଚିଫ ରେଫରୀ (ଓଏସ୍‌ସିଏ) ସୁନୀଲ ପଟ୍ଟନାୟକ, କ୍ୟାରେମ ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ରବୀନ୍ଦ୍ରନାଥ ଓଝା, ଯୋଡା ଇଷ୍ଟ ମଜଦୁର ୟୁନିୟନ ସମ୍ପାଦକ ରଣଜୀତ କୁମାର ଦାସ ଯୋଗ ଦେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ସମୁଦାୟ ୧୩୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ମ୍ୟାଚରେ ୨୮ଜଣ ଖେଳାଳି ପ୍ରଥମେ ଖେଳ ପ୍ରଦର୍ଶନ କରିଥିଲେ। ରାଜ୍ୟର ବିଭିନ୍ନ ଜିଲା ଯଥା କଟକ,ପୁରୀ,ବାଲେଶ୍ୱର, କଳାହାଣ୍ଡି, କନ୍ଧମାଳ, ଯାଜପୁର, ଅନୁଗୋଳ, ଜଗତସିଂହପୁର, ମୟୂରଭଞ୍ଜ, ସୁନ୍ଦରଗଡ଼, ଖୋର୍ଦ୍ଧା, କେନ୍ଦୁଝର ସମେତ ଭୁବନେଶ୍ୱର ଓ ଜଟଣୀ ପ୍ରଭୃତି ଅଞ୍ଚଳରୁ ଖେଳାଳିମାନେ ଏଥିରେ ଅଂଶଗ୍ରହଣ କରିଛନ୍ତି। ଅନ୍ତର୍ଜାତୀୟସ୍ତରର ଖେଳାଳି ଭି.ଆକାଶ, ଜେ.ପି.ଦାସଙ୍କ ସମେତ ଜାତୀୟସ୍ତରର ଖେଳାଳି ତ୍ରିନାଥ ବେହେରା, କେ.ଭିମାୟା, ଜିତୁ ରାଉତରାୟ, ସିପୁ ସାମନ୍ତରାୟ ପ୍ରମୁଖ ଏହି ଟୁର୍ଣ୍ଣାମେଣ୍ଟର ବିଶେଷ ଆକର୍ଷଣ ଖେଳାଳି ଭାବେ ଅଂଶଗ୍ରହଣ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ଜିଲା କ୍ୟାରମ ଆସୋସିଏସନର ଅଧକ୍ଷ ମାନସ ରଞ୍ଜନ ମହାନ୍ତି ଓ ପ୍ରକାଶ କୁମାର ମହାନ୍ତି, ଅର୍ଗାନାଇଜିଂ ସେକ୍ରେଟାରୀ ହେମନ୍ତ ପାତ୍ର, ବବି ରାୟ, ସୁବାଷ ସେନଗୁପ୍ତା ପ୍ରମୁଖ ସହଯୋଗ କରିଥିଲେ। ଆସନ୍ତା ୪ ତାରିଖରେ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହେବ।



ଟୁର୍ଣ୍ଣାମେଣ୍ଟରେ ଅଂଶ ଗ୍ରହଣ କରିଥିବା ଖେଳାଳି।

# ଚୋରି ବାଇକ ଉଦ୍ଧାର: ଅଭିଯୁକ୍ତ ଗିରଫ

ସୋର, ୨।୯(ଡି.ଏନ.ଏ.)

ସୋର ପୋଲିସ୍ ଜଣେ ବାଇକ୍ ଚୋରଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଚୋରି ବାଇକକୁ ଜବତ କରିଛି। ସୋର ଷ୍ଟେଶନ ଛକରେ ଥିବା ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରେ ଖଇରା ଥାନା ଜଳଦା ଗ୍ରାମର ଗଜେନ୍ଦ୍ର ପୃଷ୍ଟି ଜଣେ କର୍ମଚାରୀ ଭାବେ କାର୍ଯ୍ୟ କରନ୍ତି। ଗତ ୪ତାରିଖରେ ସେ ବାଇକ୍(ନଂ.ଓଡ଼ି୦୧ଏଲ ୯୯୧୦)କୁ ତଳେ ରଖି ବ୍ୟାଙ୍କରେ କାର୍ଯ୍ୟ କରୁଥିଲେ। ସନ୍ଧ୍ୟା ବେଳେ ଘରକୁ ଫେରବା ବେଳେ ଗାଡ଼ିଟି ନ ଥିବା ଜାଣିବାକୁ ପାଇଥିଲେ। ସେ ସୋର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୮୩/୨୨) ରୁଜୁ କରି ତଦନ୍ତ ଜାରି ରଖିଥିଲା। ବୁଧବାର ସୋର ପୋଲିସ ବାଲେଶ୍ୱର ସୋମନାଥପୁର ଅଞ୍ଚଳର ରବୀନ୍ଦ୍ର ସେଠୀଙ୍କ ଘରେ ଚଢାଉ କରି ଚୋରି ବାଇକ୍‌କୁ ଉଦ୍ଧାର କରିବା ସହ ତାଙ୍କୁ ଗିରଫ କରି ଅପରାହ୍ନରେ କୋର୍ଟଚାଲାଣ କରିଛି। ଉଦ୍ଧାର ବାଇକକୁ ପୃଷ୍ଟିଙ୍କୁ ହସ୍ତାନ୍ତର କରାଯାଇଛି।

# ପଡ଼ିଆ ପଡ଼ିଛି ଚାଷଜମି



ପଡ଼ିଆ ପଡ଼ିଥିବା ଚାଷଜମିରେ ପାଣି ଜମି ରହିଛି।

ବନ୍ତ,୨।୯(ଡି.ଏନ.ଏ.)

### ଧାନ ତଳି ଅଭାବ

ଭଦ୍ରକ ଜିଲା ବନ୍ତ ବ୍ଲକର ବହୁ ଚାଷଜମି ଧାନ ତଳି ଅଭାବରୁ ପଡ଼ିଆ ପଡ଼ିଛି। ସରକାରୀ ବିହନ ଗଜା ନ ହେବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଥିବା ସେମାନେ ଅଭିଯୋଗ କରୁଛନ୍ତି। ପ୍ରକାଶ ଯେ, ଏହି ବ୍ଲକର ମୋଟ ୧୮ ହଜାର ୯୧୫ ହେକ୍ଟର ଚାଷଜମି ରହିଛି। ସେଥିମଧ୍ୟରୁ ୧୭ ହଜାର ୬୨ ହେକ୍ଟର ଜମିରେ ଧାନ ଚାଷ ହୋଇଛି। ଚଳିତ ଖରିଫ ଧାନ ଚାଷ ପାଇଁ ଚାଷୀମାନେ ସରକାରୀ ବିହନ କିଣି ଧାନ ତଳି ପକାଇବାକୁ ଚେଷ୍ଟା କରିଥିଲେ। ମାତ୍ର ଉକ୍ତ ବିହନରୁ ୯୦ ପ୍ରତିଶତ ଗଜା ହୋଇ ନ ଥିଲା। ଫଳରେ ଚାଷୀମାନେ ନିରାଶ ହୋଇଥିଲେ। ସେମାନେ ଅନ୍ୟ ଚାଷୀମାନଙ୍କଠାରୁ ବିହନ କିଣି ଧାନ ଗଜା କରି ତଳି ପକାଇଥିଲେ। ଏହାମଧ୍ୟରେ ଲଘୁଚାପ ବର୍ଷା ଦାଉ ସାଧିଲା। ଲଗାଣ ବର୍ଷା ଯୋଗୁ ବହୁ ଚାଷୀଙ୍କର ତଳି ନଷ୍ଟ ହୋଇଗଲା। ଯାହା କିଛି ତଳି ହେଲା ତାହା ସମୁଦ୍ରକୁ ଶଙ୍ଖେ ଭଳି। ଚାଷଜମି ତୁଳନାରେ ତଳି କମ୍ ହେବାରୁ ସେମାନେ ଏଣେତେଣେ ତଳି ସଂଗ୍ରହ କରିବାକୁ ଉଦ୍ୟମ କଲେ। ଏପରିକି ଗୋଟିଏ ତଳି ପଟାଳିକୁ ୧୫ ଶହରୁ ୨୫ ଶହ ଟଙ୍କା ଦେଇ କିଣି ଧାନ ରୋଇଥିଲେ। ତଳି ସଂଗ୍ରହ ପାଇଁ ଚାଷୀମାନେ ପଡ଼ୋଶୀ ବ୍ଲକକୁ ମଧ୍ୟ ଯାଉଥିବା ଦେଖାଯାଇଛି। ଅପରପକ୍ଷେ ତଳି ପକାଇଥିବା ଓ ଧାନ ରୋଇବା ପାଇଁ ଜମିରେ ତଳି ରଖିଥିବା ଚାଷୀମାନେ ରାତିରେ ନ ଶୋଇ ଜଗି ରହିଥିଲେ। ବହୁ ଚାଷୀଙ୍କର ତଳି ଜମିରୁ ଚୋରି ମଧ୍ୟ ହୋଇଯାଇଛି। ତଳି ଅଭାବ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ଅନିରୁଦ୍ଧ ବେହେରା କହିଛନ୍ତି, ସିଡ୍ସ କର୍ପୋରେଶନଠାରୁ ଅଣା ଯାଇଥିବା ବିହନ ପାଇଁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ତାଙ୍କଠାରୁ ଆଉ ବିହନ ଅଣାଯିବ ନାହିଁ।

## ପୋଖରୀରେ ବୁଡ଼ି ୩ ବର୍ଷର ଶିଶୁ ମୃତ

**ସୋର,(ଡି.ଏନ.ଏ.):** ବାଲେଶ୍ୱର ଜିଲା ସୋର ବ୍ଲକ ମାଣିପୁର ପଞ୍ଚାୟତ ବେହରଣପୁର ଗ୍ରାମରେ ପୋଖରୀରେ ବୁଡ଼ି ଦୀପକ ଦାସଙ୍କ ୩ ବର୍ଷର ପୁଅ ତନିଶଙ୍କ ମୃତ୍ୟୁ ହୋଇଛି। ସେ ପୂର୍ବାହ୍ନରେ ଗ୍ରାମକୁ ଖେଳିବାକୁ ଯାଇଥିବା ବେଳେ କୀର୍ତ୍ତନବାଡ଼ିରେ ଥିବା ଦରଖୋଲି ପୋଖରୀରେ ପଡିଯାଇଥିଲେ। ପରିବାର ଲୋକେ ପାଣି ଭିତରୁ ଉଦ୍ଧାର କରି ମାଣିପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ସୋର ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ଡାକ୍ତରଖାନାରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ସଂକ୍ଷେପରେ

### ମୋରମ ଚାଲାଣ ବେଳେ ୫ ଗାଡ଼ି ଜବତ

ପାଟଣା,୨।୯(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ତହସିଲ ମୁଖ୍ୟାଳୟ ସାଧୁପଡା ନିକଟରୁ ଶୁକ୍ରବାର ପୂର୍ବାହ୍ନରେ ପାଟଣା ରାଜସ୍ୱ ବିଭାଗ ପକ୍ଷରୁ ବେଆଇନ ଭାବରେ ମୋରମ ଚୋରା ଚାଲାଣ କରୁଥିବା ୫ ଟ୍ରାକ୍ଟରକୁ ଜବତ କରାଯାଇଛି। ତେବେ ମୋରମ ଖନନରେ ବ୍ୟବହୃତ ଜେସିବିକୁ ତହସିଲ କର୍ତ୍ତୃପକ୍ଷ ଜବତ କରିବାରେ ସକ୍ଷମ ହୋଇପାରି ନାହାନ୍ତି। ଜବତ ୫ଟି ଟ୍ରାକ୍ଟର ମଧ୍ୟରୁ ୨ଟିକୁ ଛାଡ଼ି ଦିଆଯାଇଥିବା ବେଳେ ୩ଟିରୁ ୩୦ ହଜାର ୩୬୦ ଟଙ୍କା ଜରିମାନା ଆଦାୟ କରାଯାଇଥିବା ତହସିଲଦାର ତାପସ ରଞ୍ଜନ ଦେହୁରୀ କହିଛନ୍ତି। ଏହି ଚଢ଼ାଉ ରେ ତହସିଲଦାର ଦେହୁରୀ, ଆଡିସନାଲ ତହସିଲଦାର ଶରଣ କୁମାର ଜେନା, ସୁପର ଭାଇଜର ବନମାଳୀ ନାଏକ, ପାଟଣା ରାଜସ୍ୱ ନିରୀକ୍ଷକ ଶ୍ରୀଧର ନାଏକ ପ୍ରମୁଖ ସାମିଲ ଥିଲେ।

### ଖରିଫ ଧାନ ବିକ୍ରି ଲାଗି ପଞ୍ଜୀକରଣ କଲେ ୮୪୧୭ ଚାଷୀ

ଚମ୍ପୁଆ,୨।୯(ଡି.ଏନ.ଏ.)- ୨୦୨୨-୨୩ ଖରିଫ ଋତୁରେ ଧାନ ବିକ୍ରି ପାଇଁ ଚମ୍ପୁଆ,ଭଣ୍ଡା, ଝୁମ୍ପୁରା, ଓ ଉଖୁଣ୍ଡା ଲାମ୍ପସରେ ମୋଟ ୮୪୧୭ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ଚାଷୀମାନେ ଆବଶ୍ୟକ ଦସ୍ତାବିଜ ସହ କୃଷିନାମା ଦେଇ ପଞ୍ଜୀକରଣ କରିଥିଲେ। ପଞ୍ଜୀକରଣ କରିଥିବା ଚାଷୀମାନେ ତାଙ୍କ ଉତ୍ପାଦିତ ଧାନ ସରକାରଙ୍କ ନିର୍ଦ୍ଧାରିତ ଦରରେ ବିଭିନ୍ନ ଧାନ ମଣ୍ଡିରେ ବିକ୍ରି କରିପାରିବେ। ଚମ୍ପୁଆ ଲାମ୍ପସରେ ୧୯୫୫ଜଣ, ଭଣ୍ଡାରେ ୨୦୭୫ଜଣ, ଝୁମ୍ପୁରାରେ ୧୮୫୪ଜଣ ଓ ଉଖୁଣ୍ଡା ଲାମ୍ପସରେ ୨୫୩୩ଜଣ ଚାଷୀ ପଞ୍ଜୀକରଣ କରିଥିବା ଚମ୍ପୁଆ ଲାମ୍ପସ ଏମ୍‌ଡି ବିଭୂତି ଭୂଷଣ ଗିରି ସୂଚନା ଦେଇଛନ୍ତି।

### ଆୟୁର୍ବେଦ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ତେଜିଲା

ବାଲେଶ୍ୱର ଅଫିସ, ୨।୯-ବାଲେଶ୍ୱର ଜିଲାରେ ନବଗଠିତ ଆୟୁଷ ବିକାଶ ମଞ୍ଚ ପକ୍ଷରୁ ଜିଲାରେ ଏକ ଆୟୁର୍ବେଦ ମେଡିକାଲ କଲେଜ ପ୍ରତିଷ୍ଠା, ଜିଲା ମୁଖ୍ୟ ଚିକିତ୍ସାଳୟରେ ଆୟୁର୍ବେଦୀୟ ବର୍ହିଚିକିତ୍ସା, ସରକାରୀ ମଞ୍ଜୁରୀପ୍ରାପ୍ତ ୫୦ଶଯ୍ୟା ବିଶିଷ୍ଟ ଆୟୁଷ ଚିକିତ୍ସାଳୟର ଟେଣ୍ଡର ପ୍ରକ୍ରିୟାକୁ ତ୍ୱରାନ୍ୱିତ, ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଯୋଗ ବିଭାଗ ଖୋଲିବା ଓ ଆୟୁର୍ବେଦର ସାମଗ୍ରିକ ବିକାଶଧାରାକୁ ଅଧିକ କ୍ରିୟାଶୀଳ କରି ଲୋକଙ୍କୁ ସୁସ୍ଥ ଓ ନିରାମୟ ନିମନ୍ତେ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କ ଜରିଆରେ ଶୁକ୍ରବାର ସ୍ମାରକପତ୍ର ପ୍ରଦାନ କରିଛନ୍ତି। ମଞ୍ଚ ସଭାପତି ଡା. ପୂର୍ଣ୍ଣଚନ୍ଦ୍ର ଜେନା, ଉପସଭାପତି ଡା. ପ୍ରଭାକର ରଥ, ସମ୍ପାଦକ ହିମାଂଶୁ ଶେଖର ଦାସ, ସହ ସମ୍ପାଦକ ଡା. ପ୍ରଭାତ ରଞ୍ଜନ ପ୍ରଧାନ, କୋଷାଧକ୍ଷ ଡା. ସୁଧାଂଶୁ ଶେଖର ଦାଶ, କାର୍ଯ୍ୟକାରୀ ସଭ୍ୟ ଡା. ପ୍ରମୋଦ କୁମାର ରାଉତ, ଡା. ମଧୁସୂଦନ ଜେନା, ଡା. ଜୟନ୍ତ କୁମାର ପ୍ରଧାନ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

### ଜେଏମ୍‌ଏଫ୍‌ସି କୋର୍ଟର ପ୍ରତିଷ୍ଠା ଉତ୍ସବ

ତେଲକୋଇ,୨।୯(ଡି.ଏନ.ଏ.)- କେନ୍ଦୁଝର ଜିଲା ତେଲକୋଇ ମୁଖ୍ୟାଳୟରେ ଥିବା ଜେଏମ୍‌ଏଫ୍‌ସି କୋର୍ଟର ପ୍ରଥମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜଜ୍ ସଂଘମିତ୍ରା ଦ୍ୱିବେଦୀଙ୍କ ତତ୍ତ୍ୱାବଧାନରେ ଏକ ପୂଜା ଆୟୋଜନ କରାଯାଇଥିଲା। କୋର୍ଟର ବଡ଼ବାବୁ ନିକୁଞ୍ଜ ବିହାରୀ ପଣ୍ଡାଙ୍କ ପୌରୋହିତ୍ୟରେ ପୂଜା କରାଯାଇଥିଲା। ଜିଲା ଓକିଲ ସଂଘ ସଭାପତି ଅଶୋକ କୁମାର ଦାସ, ସମ୍ପାଦକ ଅଲେଖ ମହାନ୍ତ, ଆଇନଜୀବୀ ନାରାୟଣ ପ୍ରଧାନ, ଜମ୍ବେଶ୍ୱର ପ୍ରଧାନ, ଦିବ୍ୟ ସୁନ୍ଦର ପ୍ରଧାନ, ଅକ୍ଷୟ ବେହେରା, ଅନିଲ କୁମାର ପ୍ରଧାନ, ନିତ୍ୟାନନ୍ଦ ମହାନ୍ତ ଓ ନବୀନ କୁମାର ପ୍ରଧାନଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଡ୍ରାଇଭର ଦିବସରେ ସଫେଇ

ଖଇରା, ୨।୯(ଡି.ଏନ.ଏ.)-ଓଡିଶା ଡ୍ରାଇଭର ମହାସଂଘ ଖଇରା ଶାଖା ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗଣ୍ଡିବେଡ ବଜାରରେ ମହାସଂଘର ଆଡମିନ ମଦନ ପିଥାଲଙ୍କ ନେତୃତ୍ୱରେ ଅନ୍ୟ ସମସ୍ତ ଆଡମିନ ଓ କର୍ମକର୍ତ୍ତା ଉପସ୍ଥିତ ରହି ବଜାର ସଫେଇ କରିଥିଲେ। ଏହି ସଚେତନତା ବାର୍ତ୍ତାକୁ ଘରେ ଘରେ ପହଞ୍ଚାଇବା ଲକ୍ଷ୍ୟରେ ଏକ ବାଇକ୍ ଶୋଭାଯାତ୍ରା ଗଣ୍ଡିବେଡରୁ ବାହାରି ଖଇରା ବଜାର ଅତିକ୍ରମ କରି କୁପାରୀ ଅମ୍ବିକା ମନ୍ଦିରରେ ପହଞ୍ଚିଥିଲା। ସହଦେବ ସାହୁ, ମାନସ ବିଶ୍ୱାଳ, ବିଜୟ ବେହେରା, ମହେଶ୍ୱର ରାଉତ ଓ ପ୍ରଶାନ୍ତ ସାହୁ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।

# କେନାଲ ପାଣି ଅଭାବରୁ ଫାଟିଲା ଚାଷ ଜମି

କୁଳିଅଣା,୨।୯(ସ୍ୱ.ପ୍ର.)

କେନାଲ ପାଣି ନ ମାଡ଼ିବା ଓ ବର୍ଷା ଅଭାବରୁ ମୟୂରଭଞ୍ଜ ଜିଲା କୁଳିଅଣା ବ୍ଲକ ମାରାଙ୍ଗଡାଣ୍ଡି ପଞ୍ଚାୟତ ଅଧୀନ ପଳାଶବଣୀ ଗ୍ରାମରେ ଥିବା ଚାଷ ଜମି ଫାଟି ଆଁ କଲାଣି। ଅଗଷ୍ଟ ମାସ ସୁଦ୍ଧା ଚାଷୀମାନେ ଯେନତେନ ପ୍ରକାରରେ ତଳି ରୁଆ କାର୍ଯ୍ୟ ଶେଷ କରିଛନ୍ତି। କିନ୍ତୁ ବର୍ଷା ଅଭାବ ସାଙ୍ଗକୁ କେନାଲ ପାଣି ଚାଷ ଜମିରେ ମାଡ଼ି ପାରୁ ନ ଥିବାରୁ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ହଳଦିଆ ବନ୍ଧ ଦକ୍ଷିଣ ପାର୍ଶ୍ୱ କେନାଲର ବାଇଗଣବାଡ଼ିଆ ହାଟ ଛକଠାରେ ଆଉଟ୍ ଲେଟ ଦେଇ ତଳ ମୁଣ୍ଡକୁ ପାଣି ଯାଇ ପାରୁନାହିଁ। କେନାଲ ସଫା ନ ହେବାରୁ ପାଣି ବିଲମୁଣ୍ଡରେ ପହଞ୍ଚି ପାରୁନାହିଁ। ଫଳରେ ହେକ୍ଟର ହେକ୍ଟର ଚାଷ ଜମି ଫାଟି ଆଁ କଲାଣି। ସେହିପରି ନିମ୍ନମାନର କଂକ୍ରିଟ କାମ ଯୋଗୁ କେନାଲ ବନ୍ଧ ସ୍ଥାନେ ସ୍ଥାନେ ଧସି ଯାଇଛି। ବାଙ୍କାଶୋଳ ଓ ଧମୁଣ୍ଡା ଶାଖା କେନାଲ ରହିଥିବା ବେଳେ ତଳମୁଣ୍ଡକୁ ପାଣି ଯାଇ ପାରୁନାହିଁ। ହାଟ ଛକ ପାଖ ଆଉଟ୍ ଲେଟକୁ ସମ୍ପ୍ରସାରଣ କରି ଦୁଇ ଫୁଟ ପାଇପ୍ ଲଗାଇବା, ନିୟମିତ କେନାଲର ଦେଖାଶୁଣା ପାଇଁ ଜଣେ ଖଲାସୀଙ୍କୁ ନିଯୁକ୍ତି ଦେବା, କେନାଲର ତଳମୁଣ୍ଡ ବାଉଁଶକଣ୍ଟିଆ ସାହି ଜମିକୁ ପାଣି ପହଞ୍ଚାଇବା, ପ୍ରତି ବର୍ଷ ଜୁନ ମାସ ସୁଦ୍ଧା କେନାଲ ମରାମତି ସହିତ ସଫା କରିବା ଲାଗି ଚାଷୀ ଦେବେନ୍ଦ୍ର ବେହେରା, ମିଟିନ୍ଦ୍ର ବେହେରା, ମାନସ ରଞ୍ଜନ ଚୌଧୁରୀ, ଗୋପାଳ ବେହେରା, ପ୍ରଫୁଲ୍ଲ ବେହେରା, ହରି ସୋରେନ ଓ ନିନି ବେହେରା ପ୍ରମୁଖ ଦାବି କରିଛନ୍ତି।


ଫାଟି ଯାଇଥିବା ଚାଷ ଜମି।

# ଦେବଦାସୀ ବିଜୁ ମହିଳା ଜନତା ଦଳର ରାଜ୍ୟ ସମ୍ପାଦିକା, ଦେବବ୍ରତ ଜୋନ୍‌ସ୍ତରୀୟ ଉପସଭାପତି

ଭଣ୍ଡାରିପୋଖରୀ,୨।୯ (ସ୍ୱ.ପ୍ର.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ନେରଡ଼ା ସରପଞ୍ଚ ଦେବଦାସୀ ଜେନା ମହିଳା ବିଜୁ ଜନତା ଦଳର ରାଜ୍ୟ ସମ୍ପାଦିକା ଭାବେ ମନୋନୀତ ହୋଇଛନ୍ତି। ସେହିପରି ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର ଓ ଭଦ୍ରକ ଜିଲାକୁ ନେଇ ଗଠିତ ଜୋନ୍ ଉପସଭାପତି ଭାବେ ଏହି ବ୍ଲକର ଯୁବ ବିଜେଡି ନେତା ଇଂ. ଦେବବ୍ରତ ଜେନାଙ୍କୁ ଦଳ ଦାୟିତ୍ୱ ପ୍ରଦାନ କରିଛି। ଯୁବ ଓ ଛାତ୍ରମାନଙ୍କୁ ସଙ୍ଗଠିତ କରି ତୃଣମୂଳସ୍ତରରେ ଲୋକଙ୍କ ପାଇଁ କାମ କରିବା ତାଙ୍କର ପ୍ରଥମ ଲକ୍ଷ୍ୟ ବୋଲି ଦେବବ୍ରତ କହିଛନ୍ତି। ଏହି ନିଯୁକ୍ତି ମିଳିବା ପରେ ସେମାନେ ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ସ୍ଥାନୀୟ ବିଧାୟକ ପ୍ରଫୁଲ୍ଲ ସାମଲ, ବିଜେଡି ରାଜ୍ୟ ସମ୍ପାଦକ ପ୍ରୟାସକାନ୍ତି ସାମଲ ଓ ବ୍ଲକ ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲଙ୍କୁ କୃତଜ୍ଞତା ଜଣାଇଛନ୍ତି।


ଦେବଦାସୀ ଜେନା।


ଦେବବ୍ରତ ଜେନା।

# ୩ ପୂର୍ବତନ ପୌରାଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା


ପୂର୍ବତନ ପୌରାଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବାଲେଶ୍ୱର ଅଫିସ, ୨।୯

ବାଲେଶ୍ୱର ପୌରପରିଷଦ ତରଫରୁ ୧୭୬ତମ ସ୍ୱାୟତ୍ତ ଶାସନ ଦିବସ ଅବସରରେ ବିଦ୍ୟାଳୟଗୁଡ଼ିକରେ ବକ୍ତୃତା, ଚିତ୍ରାଙ୍କନ, ସଙ୍ଗୀତ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କୃତୀ ଛାତ୍ରୀଛାତ୍ରମାନଙ୍କ ସହ ପୌର ପରିଷଦର କେତେକ ସ୍ୱତନ୍ତ୍ର ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧନା ଅବସରରେ ଶୁକ୍ରବାର ସନ୍ଧ୍ୟାରେ ଗାନ୍ଧି ସ୍ମୃତି ଭବନ ପରିସରରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପୌରାଧ୍ୟକ୍ଷା ସବିତା ସାହୁ ସଭାପତିତ୍ୱ କରିଥିବା ବେଳେ ଅତିଥି ଭାବେ ଜିଲାପରିଷଦ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ପ୍ରଧାନ ଓ ଏକ୍‌ଜିକ୍ୟୁଟିଭ୍ ଅଫିସର ତଥା ବାଲେଶ୍ୱର ଉପଜିଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ ଉପସ୍ଥିତ ଥିଲେ। ବାଲେଶ୍ୱର ପୂର୍ବତନ ପୌରାଧ୍ୟକ୍ଷ ତପନ ଚକ୍ରବର୍ତ୍ତୀ, ସୁଜାତା ଦାସ ଓ ଆଲୋକ ସାହୁଙ୍କ ସମେତ ୫ ଥର କାଉନ୍‌ସିଲର ଭାବେ ବିଜୟୀ ହୋଇଥିବା ବରିଷ୍ଠ କାଉନ୍‌ସିଲର ପଦ୍ମଲୋଚନ ଲେଙ୍କାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିପରି ପୌର ପରିଷଦରେ ଦୀର୍ଘଦିନ ଧରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଅଧିକାରିଣୀ ଭାବେ ସମ୍ପନ୍ନ କରିଥିବା ସିଡିପିଓ ସବିତା ରାଉତଙ୍କୁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡରେ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ସ୍ୱଚ୍ଛ ସାଥୀ, ସ୍ୱଚ୍ଛ ସାଥୀର ସୁପରଭାଇଜର, ଏସ୍‌ଏଚ୍‌ଜି, ଏମ୍‌ସିସି ପଏଣ୍ଟ, ବେଷ୍ଟ ସୁଇପର, ସାନିଟାଇଜେଶନ୍ ୱାର୍କର, ବେଷ୍ଟ ଅଙ୍ଗନୱାଡ଼ି ସେଣ୍ଟର, ବେଷ୍ଟ ଅଙ୍ଗନୱାଡ଼ି ହେଲପର ଓ ଅଙ୍ଗନୱାଡ଼ି ସୁପରଭାଇଜରଙ୍କ ଭଳି ୪୦ରୁ ଊର୍ଦ୍ଧ୍ୱ ପୌରପରିଷଦ ସହ ବିଭିନ୍ନ ସେବାରେ ଜଡ଼ିତ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ରକ୍ତଦାନ ଶିବିର, ଚାରାରୋପଣ

ନୀଳଗିରି, ୨।୯(ସ୍ୱ.ପ୍ର.)

ଓଡ଼ିଶା ଡ୍ରାଇଭର ସଂଘ ନୀଳଗିରି ଶାଖା ପକ୍ଷରୁ ନୀଳଗିରି ଓ ଔପଦା ବ୍ଲକ ସମେତ ନୀଳଗିରି ଏନ୍‌ଏସିର ସମସ୍ତ ଡ୍ରାଇଭରଙ୍କ ମିଳିତ ଆନୁକୂଲ୍ୟରେ ପଞ୍ଚଲିଙ୍ଗେଶ୍ୱର ଶକୁନ୍ତଳା ନିବାସରେ ଏକ ରକ୍ତଦାନ ଶିବିର ଆୟୋଜିତ କରାଯାଇଛି। ଏହି ଅବସରରେ ମୋଟ ୫୦ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ସେହିପରି ନୀଳଗିରି ମେଡିକାଲ, ଈଶ୍ୱରପୁର, ସନ୍ତରାଗଡ଼ିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ସଂଘ ପକ୍ଷରୁ ଚାରାରୋପଣ କରାଯାଇଥିଲା। ପରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଔପଦା ବ୍ଲକ ଡ୍ରାଇଭର ସଂଘ ସଭାପତି ମୃତ୍ୟୁଞ୍ଜୟ ବେହେରା, ନୀଳଗିରି ବ୍ଲକ ସଭାପତି ହରିହର ଘଡ଼େଇ, ସମ୍ମାନନୀୟ ଅତିଥି ଭାବେ କରୁଣାକର ବେହେରା, ଗଗନ ବିହାରୀ ଦାଶ, ଯୋଗେଶ ବାଗ, ହେମନ୍ତ ସ୍ୱାଇଁ ମଞ୍ଚାସୀନ ରହି ସଂଘ ବାବଦରେ ଆଲୋଚନା କରିଥିଲେ। ରାଜେଶ ଉପାଧ୍ୟାୟ, ଲକ୍ଷ୍ମଣ ମହାନ୍ତି, ଅଜୟ ସିଂ, ଚିକିନ ସିଂ ଓ ଭଗବାନ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

# ସୁବାସିନୀ ବିଜୁ ମହିଳା ଜନତା ଦଳର କାର୍ଯ୍ୟକାରୀ ସଭାନେତ୍ରୀ

ବାଲେଶ୍ୱର ଅଫିସ, ୨।୯

ବାଲେଶ୍ୱର ଜିଲାର ମହିଳାନେତ୍ରୀ ସୁବାସିନୀ ଜେନା ବିଜେଡି ମହିଳା ଜନତା ଦଳର କାର୍ଯ୍ୟକାରୀ ସଭାପତି ଭାବେ ଦ୍ୱିତୀୟ ଥର ପାଇଁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳର ବିଭିନ୍ନ ବିଭାଗରେ ପଦ ପରିବର୍ତ୍ତନ ସହିତ କିଛି ସଦସ୍ୟଙ୍କୁ ପୁଣିଥରେ ତାଙ୍କ ଦାୟିତ୍ୱ ତୁଲାଇବାକୁ ମନୋନୀତ କରିଛନ୍ତି। ୨୦୧୯ ସାଧାରଣ ନିର୍ବାଚନ ପରେ ଜେନାଙ୍କୁ ଦଳର ମହିଳା ଶାଖାରେ କାର୍ଯ୍ୟକାରୀ ସଭାନେତ୍ରୀ ଭାବେ ଦାୟିତ୍ୱ ମିଳିଥିଲା। ସଙ୍ଗଠନର ବିଭିନ୍ନ କାର୍ଯ୍ୟକ୍ରମକୁ ସଫଳ କରିବା ସହିତ ଦଳକୁ ଆଗକୁ ବଢ଼ାଇବାରେ ଜେନା ତାଙ୍କର ଦାୟିତ୍ୱ ସଫଳତାର ସହ ତୁଲାଇ ଆସୁଛନ୍ତି। ଏହି ଦାୟିତ୍ୱ ପାଇବା ପରେ ଜେନା କହିଛନ୍ତି, ‘ଦଳର ଜଣେ ପ୍ରାଥମିକ ସଦସ୍ୟ ଭାବେ ସବୁବେଳେ ଲୋକଙ୍କ ସେବା କରିବାର ସୁଯୋଗ ପାଇଛି। ମୋତେ ପୁଣିଥରେ ସଙ୍ଗଠନରେ ଏହିଭଳି ଗୁରୁଦାୟିତ୍ୱ ପ୍ରଦାନ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀଙ୍କ ସମେତ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଜିଲା ପର୍ଯ୍ୟବେକ୍ଷକ ପ୍ରତାପ ଦେବ, ବିଜୁ ମହିଳା ଜନତା ଦଳ ସଭାପତି ସ୍ନେହାଙ୍ଗିନୀ ଛୁରିଆଙ୍କୁ ଧନ୍ୟବାଦ ଜଣାଇଛନ୍ତି।


ସୁବାସିନୀ ଜେନା।

# ପୋଖରୀରୁ ମିଳିଲା ନିଖୋଜ ବ୍ୟକ୍ତିଙ୍କ ମୃତଦେହ

**କେନ୍ଦୁଝର, ୨।୯ (ସ୍ୱ.ପ୍ର.):** କେନ୍ଦୁଝର ଜିଲା ଟାଉନ ଥାନା ଶିରିପୁର ଅଞ୍ଚଳର କୁନୁ ମାଝି ନାମକ ବ୍ୟକ୍ତି ଗୁରୁବାର ସକାଳେ ପୋଖରୀରେ ବୁଡ଼ିଯାଇ ନିଖୋଜ ଥିଲେ। ୩୦ ଘଣ୍ଟା ପରେ ଶୁକ୍ରବାର ଅପରାହ୍ନରେ ପୋଖରୀରୁ ତାଙ୍କ ମୃତଦେହ ମିଳିଛି। ସୂଚନା ଅନୁଯାୟୀ, ସ୍ଥାନୀୟ ଲୋକେ ପୋଖରୀରେ ମୃତଦେହ ଭାସୁଥିବା ଦେଖି ଟାଉନ ଥାନା ପୋଲିସକୁ ଜଣାଇଥିଲେ। ଏହାପରେ ଦମକଳ ବାହିନୀ ସହାୟତାରେ ପୋଖରୀରୁ ମୃତଦେହ କଢ଼ା ଯାଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ସ୍ୱାମୀ ସ୍ତ୍ରୀ ମଧ୍ୟରେ କଳହ ଯୋଗୁ କୁନୁ ପୋଖରୀକୁ ଡେଇଁ ପଡ଼ିଥିବା ନେଇ ଗୁରୁବାରଠାରୁ ଚର୍ଚ୍ଚା ହେଉଥିଲା। ପୋଲିସ ତଦନ୍ତ ପରେ ସତ୍ୟାସତ୍ୟ ପଦାକୁ ଆସିଛି। କୁନୁ ନିଶାସକ୍ତ ଅବସ୍ଥାରେ ଫେରିବା ବେଳେ ଗାଧୋଇବା ପାଇଁ ଉକ୍ତ ପୋଖରୀକୁ ଯାଇ ବୁଡ଼ି ଯାଇଥିଲେ ବୋଲି ତାଙ୍କ ସ୍ତ୍ରୀ ସୁଭଦ୍ରା ଲୋହାର ପ୍ରକାଶ କରିଥିବା ଟାଉନ ଥାନା ଅଧିକାରିଣୀ ପ୍ରମୋଦିନୀ ସାହୁ କହିଛନ୍ତି। ଏନେଇ ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

ପ୍ରକାଶ ଥାଉକି, ଗୁରୁବାର ସକାଳ ପ୍ରାୟ ୮ଟା ବେଳେ ଏହି ଘଟଣା ଘଟିଥିଲା। ଖବର ପାଇ ଦମକଳ ବାହିନୀ, ଓଡ୍ରାଫ ଟିମ୍ ପହଁଚି ବହୁ ଉଦ୍ୟମ କରି ମଧ୍ୟ କୁନୁଙ୍କୁ ପାଇ ନ ଥିଲେ।

# ବାଇକ୍ ସାଇଡ୍ ମାରିବାକୁ ନେଇ ଉତ୍ତେଜନା

ଭଦ୍ରକ ଅଫିସ,୨।୯–ଭଦ୍ରକ ଜିଲା ରାନ୍ଧିଆ ବଜାରଠାରେ ଶୁକ୍ରବାର ସନ୍ଧ୍ୟାରେ ବାଇକ୍ ସାଇଡ୍ ମାରିବାକୁ କେନ୍ଦ୍ରକରି କଥା କଟାକଟି ପରେ ୩ ଯୁବକଙ୍କୁ ବ୍ଲେଡ୍‌ରେ ଆକ୍ରମଣ କରାଯାଇଛି। ଏହି ଘଟଣାକୁ ନେଇ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ଭଦ୍ରକ–ଆନନ୍ଦପୁର ରାସ୍ତାର ଜାନୁଗଞ୍ଜଠାରେ ୧ ଘଣ୍ଟା ଧରି ରାସ୍ତାରୋକୋ କରାଯାଇଥିଲା। ଆକ୍ରମଣ କରିଥିବା ଯୁବକଙ୍କୁ ପୋଲିସ ଥାନାକୁ ନେବା ପରେ ରାସ୍ତାରୋକୋ ହଟିଥିଲା। ସୂଚନା ଅନୁଯାୟୀ, ଜାନୁଗଞ୍ଜର ମନୋଜ ଚାନ୍ଦ, ସତ୍ୟଜିତ ବେହେରା ଓ ନରେଶ ବେହେରା ବାଇକ୍‌ରେ ରାନ୍ଧିଆ ଯାଇଥିବା ବେଳେ ସ୍ଥାନୀୟ ଜଣେ ଯୁବକଙ୍କ ସହ ଯୁକ୍ତିତର୍କ ହୋଇଥିଲା। ପରେ ସେମାନେ ଫେରିବା ବାଟରେ ରାନ୍ଧିଆ ଓଭରବ୍ରିଜ ଉପରେ ଉକ୍ତ ଯୁବକ ଆକ୍ରମଣ କରିଥିଲେ। ଏହି ଘଟଣା ପରେ ଜାନୁଗଞ୍ଜର ଉତ୍ତ୍ୟକ୍ତ ଯୁବକମାନେ ରାସ୍ତା ଅବରୋଧ କରିଥିଲେ। ଟାଉନ ଥାନାଧିକାରୀ ଉମାଶଙ୍କର ନାୟକ ଓ ଗ୍ରାମାଞ୍ଚଳ ଥାନାଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନ ଫୋର୍ସ ସହ ପହଞ୍ଚି ବୁଝାଶୁଝା କରିଥିଲେ। ଏହି ସମୟରେ ଆକ୍ରମଣକାରୀ ଯୁବକ ଏକ କାର୍‌ରେ ଆସୁଥିବା ବେଳେ ଆକ୍ରମଣର ଶିକାର ହୋଇଥିବା ଯୁବକମାନେ ତାଙ୍କୁ ଚିହ୍ନଟ କରିଥିଲେ। ଏନେଇ ମନୋଜ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ଶୁଭେନ୍ଦୁ ଯୁବ ବିଜେଡି କାର୍ଯ୍ୟକାରୀ ସଭାପତି


ଶୁଭେନ୍ଦୁ ଦାସ ମଙ୍ଗରାଜ।

ବାଲେଶ୍ୱର ଅଫିସ, ୨।୯

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ବିଜୁ ଯୁବ ଜନତା ଦଳର ସାଙ୍ଗଠନିକ ନିଯୁକ୍ତି ପ୍ରକ୍ରିୟା ସରିଛି। ଏଥିରେ ବିଜୁ ଯୁବ ଜନତା ଦଳର କାର୍ଯ୍ୟକାରୀ ସଭାପତି ଭାବେ ଶୁଭେନ୍ଦୁ ଦାସ ମଙ୍ଗରାଜଙ୍କୁ ଦ୍ୱିତୀୟ ଥର ପାଇଁ ରାଜ୍ୟ କାର୍ଯ୍ୟକାରୀ ସଭାପତି ଭାବେ ମନୋନୀତ କରାଯାଇଛି। ତାଙ୍କୁ ଦଳ ପୁନଃ ମନୋନୀତ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଜିଲା ପର୍ଯ୍ୟବେକ୍ଷକ ପ୍ରତାପ ଦେବ, ଦଳର ରାଜ୍ୟ ସାଧାରଣ ସମ୍ପାଦକ ତଥା ରାଜ୍ୟରେ ବିଜୁ ଯୁବ ଓ ଛାତ୍ର ସଙ୍ଗଠନ ଦାୟିତ୍ୱରେ ଥିବା ପ୍ରଣବ ବଳବନ୍ତରାୟ, ଯୁବ ବିଜେଡି ରାଜ୍ୟ ସଭାପତି ବ୍ୟୋମକେଶ ରାୟ ଓ ବାଲେଶ୍ୱର ଜିଲା ବିଜେଡିର ନେତୃବୃନ୍ଦ ଏବଂ ବାଲେଶ୍ୱରବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଦାସମଙ୍ଗରାଜ ପୂର୍ବରୁ ଜଣେ ସଫଳ ଛାତ୍ର ଓ ଯୁବନେତା ଭାବେ ବାଲେଶ୍ୱର ତଥା ଉତ୍ତରଓଡ଼ିଶାରେ ନିଜ ଦକ୍ଷତା ପ୍ରମାଣିତ କରିଆସିଛନ୍ତି। ସେ ସଙ୍ଗଠନକୁ ମଜବୁତ କରିବା ସହ ରାଜ୍ୟ ସରକାରଙ୍କ ଜନହିତକର ଯୋଜନାଗୁଡ଼ିକ କିପରି ସୁଦୂରପ୍ରସାରୀ ହୋଇପାରିବ, ସେନେଇ ପ୍ରୟାସ ଜାରି ରଖିବେ ବୋଲି କହିଛନ୍ତି।

# ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା

ଢେଙ୍କିକୋଟ,୨।୯(ଡି.ଏନ.ଏ.)– କେନ୍ଦୁଝର ଜିଲା ଢେଙ୍କିକୋଟସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଶୁକ୍ରବାର ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସମ୍ବଲପୁର ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାର ଅତିରିକ୍ତ ଶାଖା ପରିଚାଳକ ପ୍ରଫୁଲ୍ଲ କୁମାର ସିଂହ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ସଭାପତିତ୍ୱ କରିଥିଲେ ବିଦ୍ୟାମନ୍ଦିର ପରିଚାଳନା କମିଟିର ସଭାପତି ଦୁଃଖବନ୍ଧୁ ବାରିକ। ମୁଖ୍ୟ ବକ୍ତା ଭାବେ ଢେଙ୍କିକୋଟ ବଣିକ ସଂଘର ସଭାପତି ରାଜକିଶୋର ସାହୁ, ସମ୍ମାନୀୟ ଅତିଥି ଭାବେ ସ୍ଥାନୀୟ ସିନେଟ କମ୍ପ୍ୟୁଟର ସେଣ୍ଟରର ଉତ୍ତରାଧିକାରୀ ତୃପ୍ତି ରଞ୍ଜନ ସାହୁ ଯୋଗ ଦେଇଥିଲେ। ବିଦ୍ୟାମନ୍ଦିରର ପ୍ରଧାନ ଗୁରୁଜୀ ଲୋକନାଥ ମହାନ୍ତ ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭା ପରିଚାଳନା କରିଥିଲେ ସ୍ୱାମପାଟଣା ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରର ପ୍ରଧାନ ଗୁରୁଜୀ ଗଣେଶ୍ୱର କର। ଏହି ଜ୍ଞାନ ବିଜ୍ଞାନ ମେଳାରେ ସଙ୍କୁଳର ଭଗାମୁଣ୍ଡା, ହରିଚନ୍ଦନପୁର, ଘଟଗାଁ, ଢେଙ୍କିକୋଟ, ପିପିଳିଆ, ସ୍ୱାମପାଟଣା, ଦମାହୁଦା, ଟଙ୍ଗରପଡ଼ା, ଡୁମୁରିଆ ଓ ମିରିଗିଖୋଦି ସମେତ ୧୦ଟି ଶିଶୁ ବିଦ୍ୟା ମନ୍ଦିରର ମୋଟ ୨୧୦ଜଣ କୁନି କୁନି ବୈଜ୍ଞାନିକ ଯୋଗଦେଇ ବିଭିନ୍ନ ପ୍ରକାର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଢେଙ୍କିକୋଟ ଶିଶୁ ବିଦ୍ୟା ମନ୍ଦିରର ସମସ୍ତ ଗୁରୁମା, ଗୁରୁଜୀ ଓ ଶିକ୍ଷା କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।


ଜଣେ କୁନି ବୈଜ୍ଞାନିକଙ୍କ ପ୍ରକଳ୍ପ ଦେଖୁଛନ୍ତି ଅତଥି।

# ମଞ୍ଜୁରୀରୋଡ୍, କେନ୍ଦୁଆପଦା ଫାଣ୍ଡିକୁ ଥାନା ଘୋଷଣା ଦାବି

ଭଦ୍ରକ ଅଫିସ,୨।୯

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀର ମଞ୍ଜୁରୀରୋଡ୍ ଓ କେନ୍ଦୁଆପଦା ଦୁଇ ଫାଣ୍ଡିକୁ ଥାନା ଘୋଷଣ, ଭଦ୍ରକ ଗ୍ରାମାଞ୍ଚଳ ଥାନାକୁ ସହରାଞ୍ଚଳ ପୋଲିସ ସବ୍‌ଡିଭିଜନ ଅଧୀନରେ ରଖାଯିବାକୁ ଭାଜପା ପକ୍ଷରୁ ଦାବି କରାଯାଇଛି। ଶୁକ୍ରବାର ଭାଜପା ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରିନାରାୟଣ ଧଳଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜିଲାପାଳ ଓ ଏସ୍‌ପିଙ୍କୁ ଭେଟିଛନ୍ତି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ଭେଟି ଆଲୋଚନା କରିବା ସହ ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଯତୀନ ପଣ୍ଡାଙ୍କୁ ପ୍ରଦାନ କରିଛନ୍ତି।

ଭଣ୍ଡାରିପୋଖରୀ ଥାନା ଅଧୀନ ମଞ୍ଜୁରୀରୋଡ୍ ଫାଣ୍ଡି ୧୯୮୨ରେ ପ୍ରତିଷ୍ଠା ହୋଇଥିଲା। ଏହା ଅଧୀନରେ ନାଆମୀ, ରାଜେନ୍ଦ୍ରପୁର, ସାନଶାସନ, ବନ୍ଧାଲୋ, ମଢିଆଳି, ତେସିଙ୍ଗା ଓ ଝୁଟଣା ପଞ୍ଚାୟତ ରହିଛି। ଦୀର୍ଘ ୪୦ ବର୍ଷ ପରେ ଜନସଂଖ୍ୟା ବୃଦ୍ଧି ପାଇବା ସହ ଆପରାଧିକ ମାମଲା ବୃଦ୍ଧି ପାଉଥିଲେ ମଧ୍ୟ ଏଠାରେ ଥାନା ପ୍ରତିଷ୍ଠା ହୋଇପାରି ନାହିଁ। ସେହିପରି ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ କେନ୍ଦୁଆପଦା ଫାଣ୍ଡି ଭଦ୍ରକ ବ୍ଲକର ବହୁଦରଡ଼ା, ଅଣ୍ଡେଇପଲ୍ଲୀ, ଆର୍‌ଏନ୍ ବେତରା ୩ ପଞ୍ଚାୟତ ଓ ବନ୍ତ ବ୍ଲକର ତୋଡଙ୍ଗା, କେନ୍ଦୁଆପଦା, ଗୋବିନ୍ଦପୁର, ରାମକୃଷ୍ଣପୁର, ରାମପୁର ଓ ଗଣିଜାଙ୍ଗ (ଆଂଶିକ) ୬ ପଞ୍ଚାୟତକୁ ନେଇ ୩୮ ବର୍ଷ ପୂର୍ବରୁ ପ୍ରତିଷ୍ଠା ହୋଇଥିଲା। ଏହି ବିସ୍ତୀର୍ଣ୍ଣ ଅଞ୍ଚଳରେ ଆଇନଶୃଙ୍ଖଳା ସ୍ଥିତି ରକ୍ଷା ପାଇଁ କେନ୍ଦୁଆପଦା ଫାଣ୍ଡିକୁ ମଧ୍ୟ ଥାନାରେ ପରିଣତ କରାଯିବାର ଆବଶ୍ୟକତା ରହିଛି ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସେହିପରି ଓଡ଼ିଶା ସରକାରଙ୍କ ଗୃହ ବିଭାଗ ପକ୍ଷରୁ ସଦ୍ୟ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଭଦ୍ରକ ଗ୍ରାମାଞ୍ଚଳ ଥାନାକୁ ବାସୁଦେବପୁର ପୋଲିସ ଡିଭିଜନରେ ସାମିଲ କରାଯାଇଛି। କେନ୍ଦୁଆପଦା ଫାଣ୍ଡି ଅଞ୍ଚଳରୁ ବାସୁଦେବପୁର ପ୍ରାୟ ୬୦ କି.ମି.ରୁ ଅଧିକ ଦୂରତା ହୋଇଥିବାରୁ ସେଠାକୁ ଯାତାୟାତ ବ୍ୟୟ ଓ ସମୟ ସାପେକ୍ଷ। ଏଣୁ ଗ୍ରାମାଞ୍ଚଳ ଥାନାକୁ ଭଦ୍ରକ ସହରାଞ୍ଚଳ ପୋଲିସ ସବ୍‌ଡିଭିଜନ ଅଧୀନରେ ରଖାଯିବାକୁ ଦାବି ହୋଇଛି। ଭାଜପା ପ୍ରତିନିଧି ମଣ୍ଡଳୀରେ ପ୍ରକାଶ ମହାପାତ୍ର, ନବକିଶୋର ବଳ, ଜିଲା ସମ୍ପାଦିକା ତପସ୍ୱିନୀ ମହାପାତ୍ର, ଜିତେନ୍ଦ୍ର ନାୟକ, ସ୍ୱରାଜ ମହାପାତ୍ର, ପ୍ରଦ୍ୟୁମ୍ନ ସେନାପତି, ଶଙ୍କର୍ଷଣ ଜେନା, ତପନ ବାରିକ, ବନମାଳି ଜେନା, ରାଜୀବ ଲୋଚନ ସାହୁ ପ୍ରମୁଖ ସାମିଲ ଥିଲେ।


ଭାଜପା ପକ୍ଷରୁ ଅତିରିକ୍ତ ଏସ୍‌ପି ଯତୀନ ପଣ୍ଡାଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

